**Sankha Bhawan**
Plot No. 798, Unit - VI
Bhubaneswar - 751001, Odisha

Ph : 0674-2393464, 2395979
email : bijujanatadal@gmail.com

BJD

# BIJU JANATA DAL

<u>ପ୍ରେସ୍ ବିଜ୍ଞପ୍ତି</u>

## ମହିଳାଙ୍କ ସଶକ୍ତିକରଣ ଚାହୁଁ ନାହିଁ ରାଜ୍ୟ ବିଜେପି: ବିଜେଡି

- ➢ମିଶନ ଶକ୍ତି ମହିଳା ସଦସ୍ୟଙ୍କୁ ବାରମ୍ବାର ଅପମାନିତ କରୁଛନ୍ତି ବିଜେପି ନେତା
- ➢ସାଧାରଣ ଜୀବନକୁ ଆସୁଥିବା ମହିଳାଙ୍କୁ ବି ଟାର୍ଗେଟ କରୁଛନ୍ତି
- ➢ବିଜେପିର ଏଭଳି ଆଚରଣକୁ ନିନ୍ଦା କଲା ବିଜେଡି

**ଭୁବନେଶ୍ୱର, ୧୦/୦୬/୨୦୨୩:** ମିଶନ୍ ଶକ୍ତି ଅଧୀନରେ କାର୍ଯ୍ୟ କରୁଥିବା ମହିଳା ଏସଏଚଜିମାନେ ଓଡିଶାରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ବଡ ପରିବର୍ତ୍ତନ ଆଣିଛନ୍ତି । ସେମାନେ ଭାରତ ଏବଂ ବିଶ୍ୱ ପାଇଁ ସଫଳ ମହିଳା ଏସଏଚଜି ଆନ୍ଦୋଳନର ଉଜ୍ଜ୍ୱଳ ଉଦାହରଣ ପାଲଟିଥିବାବେଳେ ରାଜ୍ୟର ବିଜେପି ନେତୃତ୍ୱ କିନ୍ତୁ ଏହାକୁ ସହ୍ୟ କରିପାରୁ ନାହାନ୍ତି ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଶ୍ରୀମତୀ ଶ୍ରୀମୟୀ ମିଶ୍ର ।

ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ମିଶ୍ର କହିଛନ୍ତି ଯେ ୬ ଲକ୍ଷ ମହିଳା ଏସଏଚଜିରେ ପ୍ରାୟ ୭୦ ଲକ୍ଷ ମହିଳାଙ୍କ ସହିତ ମିଶନ୍ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି ଯାହା କି ଓଡିଶାର ମହିଳାମାନଙ୍କୁ ରୋଷେଇ ଘରର ଚାରି କାନ୍ଥ ଅତିକ୍ରମ କରାଇ ସମାଜ ପରିବର୍ତ୍ତନକାରୀରେ ପରିଣତ ହୋଇପାରିଛି । ତେବେ ମହିଳା ଏସଏଚଜି ଓଡିଶାରେ ସମସ୍ତ ପ୍ରକାର ଭଲ କାର୍ଯ୍ୟ କରୁଥିବା ସତ୍ତ୍ୱେ ଏହା ଦେଖି ଆଶ୍ଚର୍ଯ୍ୟ ଲାଗୁଛି ଯେ ଓଡିଶା ବିଜେପି ନେତାମାନେ ମହିଳା ଏସଏଚଜି ସଦସ୍ୟଙ୍କୁ ପ୍ରତିଦିନ ଅପମାନିତ ଏବଂ ଅସମ୍ମାନିତ କରୁଛନ୍ତି । ସେମାନଙ୍କ ମିଥ୍ୟା ଅଭିଯୋଗ ଦେଖିଲେ ଲାଗୁଛି ଯେପରି ସେମାନେ ଏଥିପାଇଁ ଟଙ୍କା ନେଉଛନ୍ତି ।

ଏହା ଓଡିଶା ବିଜେପି ନେତାଙ୍କ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ଆଚରଣ । ଏହା ଦର୍ଶାଉଛି ଯେ ଓଡିଶାରେ ଚାଲିଥିବା ମହିଳାଙ୍କ ସଶକ୍ତିକରଣ ଏବଂ ସମାଜକୁ ପରିବର୍ତ୍ତନ କରିବାର ପ୍ରୟାସ ପ୍ରତି ସେମାନେ ଅତ୍ୟନ୍ତ ଅସହିଷ୍ଣୁ ହୋଇ ପଡିଛନ୍ତି । ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଓଡିଶା ବିଜେପି ନେତାମାନେ ଚାହୁଁଛନ୍ତି